● ନିୟମଗିରି ସୁରକ୍ଷା ସମିତିର ଆନ୍ଦୋଳନ

# ଆବାହକ ଲଦ ସିକକାଙ୍କ ସମ୍ପତ୍ତି ଜବତ ପାଇଁ କୋର୍ଟଙ୍କ ଆଦେଶ



ରାୟଗଡ଼, ୧୪।୬(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ମୁନ୍‌ସିଫ କୋର୍ଟର ମାଜିଷ୍ଟ୍ରେଟ ଏକ ଆଦେଶ ଜାରି କରି ନିୟମଗିରି ସୁରକ୍ଷା ସମିତିର ନେତା ଲଦ ସିକକାଙ୍କୁ ପଳାତକ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତି ଜବତ କରିବା ପାଇଁ ରାୟଗଡ ଜିଲ୍ଲା କଲ୍ୟାଣସିଂହପୁର ଥାନାର ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଆଦେଶଟି ୨୦୧୭ ମସିହାର ଏକ ମାମଲା (ନମ୍ବର ୩୪୯/୨୦୧୭)କୁ ଆଧାର କରି ଦିଆଯାଇଛି, ଯେଉଁଥିରେ ଲଦ ସିକକାଙ୍କ ନାଁରେ ଅପରାଧିକ ଆଇନ ସଂଶୋଧନର ଧାରା ୭ ତଥା ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଦଫା ଅନ୍ତର୍ଗତ ଅପରାଧ କରିଥିବାର ଅଭିଯୋଗ ରହିଛି। ରାୟଗଡ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଲାଖପଦର ଗ୍ରାମର ଲଦ ସିକ୍‌କା ଡଙ୍ଗରିଆ କନ୍ଧ ଜନଜାତିର। ଲଦ ନିୟମଗିରି ସୁରକ୍ଷା ସମିତିର ଆବାହକ ଓ ସଭାପତି ରୂପେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ତଥା ନିୟମଗିରି ସୁରକ୍ଷା ପାଇଁ ସଂଗ୍ରାମ କରୁଛନ୍ତି। ଏ ନେଇ ବିଶିଷ୍ଟ ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି ସୂଚନା ଦେଇ କହିଛନ୍ତି ଲଦ ସିକକା ନିଜେ ଏ ସମ୍ବନ୍ଧୀୟ କୋର୍ଟ ପରୱାନା କେବେ ଗ୍ରହଣ କରିନାହାନ୍ତି। ତାଙ୍କ ସମ୍ପତ୍ତି ଜବତ ଆଦେଶ ଅନ୍ୟାୟ ପ୍ରକ୍ରିୟାର ଏକ ଅଂଶ ବୋଲି ସାମାଜିକ କର୍ମୀ ମାନେ ମତପ୍ରକାଶ କରିଛନ୍ତି। ବିଶିଷ୍ଟ ପରିବେଶବିତ ତଥା ଲୋକଶକ୍ତି ଅଭିଯାନର ପ୍ରଫୁଲ୍ଲ ସାମନ୍ତରା, ନରେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ସାମାଜିକ କର୍ମୀ ଲଦ ସିକକାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଏହି ନିର୍ଦ୍ଦେଶକୁ ଅନ୍ୟାୟ ଓ ଅଯଥାର୍ଥ ଦର୍ଶାଇ ସମାଜର ବିଭିନ୍ନ ବର୍ଗର ସଚେତନ ନାଗରିକ ଯଥା ଓକିଲ, ମାନବିକ ଅଧିକାର ସଂଗଠନ, ନାଗରିକ ସମାଜ ତଥା ବିଭିନ୍ନ ରାଜନୈତିକ ଗୋଷ୍ଠୀର ସଭ୍ୟମାନେ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏଥିପାଇଁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ହସ୍ତକ୍ଷେପ ପାଇଁ ସେମାନେ ଦାବି କରିଛନ୍ତି।

## ରାୟଗଡ଼ରେ କାଳବୈଶାଖୀ ତାଣ୍ଡବ

# ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା; ଗଛ ଉପୁଡ଼ି ରାସ୍ତା ଅବରୋଧ







ରାୟଗଡ,୧୪।୬(ସମିସ): ରାୟଗଡ ସହର ଓ ଏହାର ଆଖପାଖ ଅଞ୍ଚଳରେ ରବିବାର ମଧ୍ୟାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ସହ ଜୋରରେ ପବନ ହେବାରୁ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା, ଗଛ ଉପୁଡିବା ସହ ଜଣେ ୧୦ମ ଶ୍ରେଣୀର ଛାତ୍ର ଗୁରତର ହୋଇଛନ୍ତି। ଆହାତ ଛାତ୍ର ଜଗାଗୁଡା ଗ୍ରାମର ରମେଶ କଣ୍ଡାଗିରି। ସେ ନଦୀକୁ ଗାଧେଇବାକୁ ଯାଇ ଫେରିବା ସମୟରେ ପ୍ରବଳ ପବନ ହୋଇଥିଲା ଏବଂ ଗଛ ତଳେ ସେ ଆଶ୍ରୟ ନେବା ବେଳେ ରମେଶ ଉପରେ ଗଛ ପଡିଯାଇଥିଲା। ଫଳରେ ତାଙ୍କର ଅଣ୍ଟାରେ ଗୁରୁତର ଆଘାତ ଲାଗିଛି। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ରାୟଗଡ ସହରରେ ମଧ୍ୟ ପ୍ରାୟ ଏକ ଘଣ୍ଟା ଧରି ପବନ, ବର୍ଷା ସହିତ ବଜ୍ରପାତ ହୋଇଥିଲା। ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଏଥିସହ ରାୟଗଡ ସହରରେ ବର୍ଷା ପାଣି ରାସ୍ତା ଉପରେ ପ୍ରବାହିତ ହୋଇ କିଛି ସମୟ ପାଇଁ ଯାତାୟତ ସମସ୍ୟା ସୃଷ୍ଟି ହୋଇଥିଲା। କିଛି ଖାଲୁଆ ଅଞ୍ଚଳରେ ଲୋକଙ୍କ ଘର ଭିତରେ ଡ୍ରେନ୍ ପାଣି ପ୍ରବେଶ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ କିଛି ସମୟ ପାଇଁ କୃତ୍ରିମ ହ୍ରଦ ଭଳି ସ୍ଥିତ ସୃଷ୍ଟି ହୋଇଥିଲା। ସହର ନେହେରୁ ନଗର, ଉତ୍କଳମଣି ନଗର, ନ୍ୟୁ କୋଲୋନୀ, ଅଣ୍ଡାରିଗୁଡା, ରୟତ କଲୋନୀ ଠାରେ ନାହିଁ ନଥିବା ସମସ୍ୟା ସୃଷ୍ଟି ହୋଇଥିଲା। କାଳବୈଶାଖି ପ୍ରଭାବରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ରାସ୍ତାରେ ଗଛ ଉପୁଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ରାୟଗଡ଼ ବ୍ଲକ ତାଡମା ପଞ୍ଚାୟତ ଚିନ୍ତାଲଗୁଡା ଠାରେ ଏକ ବଡ ତେନ୍ତୁଳି ଗଛ ଉପୁଡ଼ି ପଡି ବାଇପାସ୍ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କାଳବୈଶାଖି ପ୍ରଭାବରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ ବିଭ୍ରାଟ ମଧ୍ୟ ହୋଇଛି। ଏହା ସହ ଗୁରୁମଗୁଡା ଗ୍ରାମରେ ଗୋଟିଏ ଘରର ଛପର ଉଡିଯାଇଥିବା ବେଳେ ୨ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ଅନ୍ୟ କିଛି ଗାଁରେ ମଧ୍ୟ କାଳବୈଶାଖୀ ପ୍ରଭାବରେ କ୍ଷୟକ୍ଷତି ହୋଇଛି। ଅଗ୍ନିଶମ ବିଭାଗ ଏବଂ ବିଦ୍ୟୁତ ବିଭାଗ ପ୍ରଭାବିତ ଅଞ୍ଚଳକୁ ଯାଇ ରାସ୍ତା ଅବରୋଧ ହଟାଇବା ସହ ବିଦ୍ୟୁତ ତାର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ଜଣାପଡିଛି।

### ଗଛ ପଡି ବାଳକ ଗୁରୁତର

# ରକ୍ତଦାତା ଦିବସରେ ଯୁବ ସାମ୍ବାଦିକ ସମ୍ମାନିତ

ଟିକିରି,୧୪।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ଅବସରରେ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଓଡିଶା ବ୍ଲଡ୍ ସେଣ୍ଟର ଏବଂ ଡିଏସଏସ୍ ରାୟଗଡା ପକ୍ଷରୁ ସମାଜସେବୀ ତଥା ସାମ୍ବାଦିକ ବୈକୁଣ୍ଠ ଦୁରିଆଙ୍କୁ ସମ୍ମାନିତ କରାଯାଇଛି। ରକ୍ତଦାନ କ୍ଷେତ୍ରରେ ତାଙ୍କର ନିରନ୍ତର ଅବଦାନ ଓ ମାନବିକ ସେବାଭାବକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ବୈକୁଣ୍ଠ ଦୁରିଆ କେବଳ ଜଣେ ସାମ୍ବାଦିକ ନୁହେଁ, ବରଂ ଜଣେ ସକ୍ରିୟ ସମାଜସେବୀ ଭାବେ ଜିଲ୍ଲାରେ ପରିଚିତ। ଜରୁରୀ ସମୟରେ ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ପଡ଼ିଲେ ସେ ନିଜେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ପ୍ରେରିତ କରିଆସୁଛନ୍ତି। ତାଙ୍କର ଏହି ନିଷ୍ଠା ଓ ସେବା ମନୋଭାବ ଅନେକ ଲୋକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଛି। ସମ୍ମାନ ଗ୍ରହଣ କରି ବୈକୁଣ୍ଠ ଦୁରିଆ କହିଥିଲେ ଯେ, ରକ୍ତଦାନ ହେଉଛି ସର୍ବଶ୍ରେଷ୍ଠ ମାନବ ସେବା। ଜଣେ ବ୍ୟକ୍ତିଙ୍କର ସାମାନ୍ୟ ପ୍ରୟାସ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇପାରେ। ତେଣୁ ସମସ୍ତ ସୁସ୍ଥ ଯୁବକ ଓ ଯୁବତୀ ନିୟମିତ ରକ୍ତଦାନ କରିବା ଉଚିତ। ଏହି ଅବସରରେ ବ୍ଲଡ୍ ସେଣ୍ଟର ପକ୍ଷରୁ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସ ମାଜ ପାଇଁ ନିରବଚ୍ଛିନ୍ନ ସେବା ଓ ରକ୍ତଦାନ କ୍ଷେତ୍ରରେ ଅବଦାନ ରଖୁଥିବା ବୈକୁଣ୍ଠ ଦୁରିଆଙ୍କ ସମ୍ମାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ବିଶ୍ୱ ରକ୍ତଦାତା ଦିବସରେ ତାଙ୍କୁ ମିଳିଥିବା ଏହି ସମ୍ମାନ ରାୟଗଡା ଜିଲ୍ଲା ପାଇଁ ଗର୍ବର ବିଷୟ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।

# ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ଗର୍ଜିଲେ ମହିଳା



କାଳିମେଳା,୧୪।୬(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ସାଲବାଗାନ ସ୍ଥିତ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ମହିଳା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ଦାବିରେ ସ୍ଥାନୀୟ ମହିଳାମାନେ ଗଣବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମଦ ଦୋକାନ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଶାନ୍ତି ଶୃଙ୍ଖଳା ନଷ୍ଟ ହେବା ସହ ମହିଳା ଓ ଯୁବତୀମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗାଁ ମୁଣ୍ଡରେ ମଦ ଦୋକାନ ଖୋଲିବା ଦିନଠାରୁ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ଗତିବିଧି ବୃଦ୍ଧି ପାଇଛି। ମଦ ଦୋକାନଟି ଜନବସତି ନିକଟରେ ଥିବାରୁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଏଠାରେ ଅସାମାଜିକ ବ୍ୟକ୍ତି ଓ ମଦୁଆଙ୍କ ଆ‡ା ଜମୁଛି। ଫଳରେ ସ୍ଥାନୀୟ ମହିଳା, ସ୍କୁଲ-କଲେଜ ଯାଉଥିବା ଛାତ୍ରୀମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଅଶ୍ଳୀଳ ମନ୍ତବ୍ୟ ଓ ନିର୍ଯାତନାର ଶିକାର ହେଉଛନ୍ତି। ଏହି କାରଣରୁ ନିଜ ଘର ପାଖରେ ମଧ୍ୟ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ମନେ କରୁଛନ୍ତି। ଏହାସହ ମଦ୍ୟପମାନେ ମଦ ପିଇବା ପରେ ଖାଲି କାଚ ବୋତଲଗୁଡ଼ିକୁ ପାଖରେ ଥିବା ଚାଷ ଜମି ଏବଂ ହିଡ଼ ଉପରକୁ ଫିଙ୍ଗି ଦେଉଛନ୍ତି। ସେଗୁଡ଼ିକ ଭାଙ୍ଗି ଜମିରେ ମିଶିଯାଉଥିବାରୁ ଚାଷ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି। ବୋତଲ କାଚ ବାଜି ଅନେକ ଚାଷୀ ଓ ଗୋରୁଗାଈ ଆହତ ହେଉଛନ୍ତି ଏବଂ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହେଉଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଗୁହାରି କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଶନିବାର ମହିଳାମାନେ ବାଧ୍ୟ ହୋଇ ମଦ ଦୋକାନ ସମ୍ମୁଖରେ ବିକ୍ଷୋବ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଯଦି ଆଗାମୀ ଦିନରେ ଏହି ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କିମ୍ବା ବନ୍ଦ କରାନଯାଏ, ତେବେ ଆନ୍ଦୋଳନ ଆହୁରି ତୀବ୍ର ରୂପ ନେବ ବୋଲି ମହିଳା ମାନେ ଚେତାବନୀ ଦେଇଛନ୍ତି।

# ଶିବ ମନ୍ଦିରରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋରାପୁଟ,୧୪।୬(ସମିସ): କୋରାପୁଟ ସହର ଉପକଣ୍ଠ ବଡ଼ ଚିନ୍ଦ୍ରି ନିକଟ ଗୋପାନଗର ସ୍ଥିତ ଚନ୍ଦ୍ରଶେଖର ଶିବ ମନ୍ଦିରରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଜଣକ ହେଲେ ୩୮ ବର୍ଷୀୟ ମନସ କୁମାର ବେହୁରିଆ । ଖବର ପାଇ କୋରାପୁଟ ଟାଉନ୍ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ପଠାଇବା ସହ ତଦନ୍ତ ଜାରି ରଖିଛି।

# ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ବିଶ୍ୱ ରକ୍ତଦାତା ଦିବସ



ଗୁଣୁପୁର,୧୪।୬ (ସମିସ): ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ଭଣ୍ଡାର ପରିସରରେ ବିଶ୍ୱ ରକ୍ତଦାନ ଦିବସ ପାଳିତ ହୋଇଯାଇଛି।କ୍ଷ ଏହିଅବସରରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସମାଜସେବୀ ତଥା ଜିଲ୍ଲା ମନରେଗା ଲୋକପାଳ ଅକ୍ଷୟ ଦାଶ ଏବଂ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟର ଡ. ପ୍ରଦୀପ କୁମାର ପଣ୍ଡା ଉଦ‡ାଟନ କରିଥିଲେ। ସର୍ବପ୍ରଥମେ ଡ. ପଣ୍ଡା ରକ୍ତଦାନ କରି ଅନ୍ୟ ଯୁବକ ମାନଙ୍କୁ ଉତ୍ସାହିତ କରିଥିଲେ। ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଫାର୍ମାସିଷ୍ଟ ସନ୍ତୋଷ ପାତ୍ର, ସୁରୁଚି ପାତ୍ର, ସଞ୍ଜୟ ମହାନ୍ତି ଓ ହସ୍ପିଟାଲ ମ୍ୟାନେଜର ଜିତେନ୍ଦ୍ର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। ଡ. ଆୟୁଷ କାନ୍ତ ବେହୁରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

## ମାଣ୍ଡିଆଡମ୍ବ ଗାଁରେ ଅଙ୍ଗନବାଡି ହେଲପର ନିଯୁକ୍ତି ନେଇ ବିବାଦ

# ଗାଁ ମହିଳାଙ୍କୁ ନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ



ରାୟଗଡ,୧୪।୬(ସମିସ): ରାୟଗଡ ଜିଲ୍ଲା କୋଲନରା ବ୍ଲକ ଭୋଇମଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଣ୍ଡିଆଡମ୍ବ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ରରେ ହେଲପର ନିଯୁକ୍ତି ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସମାଧାନ ପାଇଁ ଗ୍ରାମବାସୀ ଜିଲ୍ଲାପାଳ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମାବସୀ ଦେଇଥିବା ଦାବିପତ୍ରରେ ଅଙ୍ଗନବାଡି କେନ୍ଦ୍ରରେ ହେଲପର କାର୍ଯ୍ୟ ସଂପାଦନା କରିବା ପାଇଁ ଗ୍ରାମର ଶିକ୍ଷିତ ବୋହୁ ଶକୁନ୍ତଳା ପାତିକା ସ୍ଥାନୀୟ ବିଡିଓ ଓ ସିଡିପିଓଙ୍କ ଠାରେ ଆବେଦନ କରିଥିଲେ। ଯେହେତୁ ସକୁନ୍ତଳା ଗ୍ରାମର ବୋହୂ ଅଟନ୍ତି, ସେ କେନ୍ଦ୍ରକୁ ଠିକ୍ ସମୟ ଦେବା ସହ ନିୟମିତ ଭାବେ କାର୍ଯ୍ୟ ସଂପାଦନା କରିପାରିବେ ବୋଲି ଗ୍ରାମବାସୀ ଆଶା କରିଥିଲେ। କିନ୍ତୁ ସ୍ଥାନୀୟ ସିଡିପିଓ ଗ୍ରାମ ଠାରୁ ୫କିମି ଦୂରେ ଥିବା ରାମପୁର ଗ୍ରାମର ଜଣେ ମହିଳାଙ୍କୁ ନିଯୁକ୍ତି ଦେଇଥିବା ଗ୍ରାମବାସୀମାନେ ଶୁଣିବାକୁ ପାଇଥିଲେ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ୫କିମି ଦୂରରୁ ଆସି ଜଣେ ମହିଳା ବର୍ଷ ତମାମ ନିୟମିତ କାର୍ଯ୍ୟ ସଂପାଦନା କରିପାରିବେ କି ବୋଲି ପ୍ରଶ୍ନ କରିଛନ୍ତି। ଗ୍ରାମବାସୀଙ୍କ ଦାବିକୁ ଆଗ୍ରହ୍ୟ କରି ଗାଁର ବୋହୁ ଶକୁନ୍ତଳାକୁ ନିଯୁକ୍ତି କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ୱାର୍ଡସଭ୍ୟ ଶିବାନା କିଲାକା, ଶଶୀରାଓ ମାଣ୍ଡାଙ୍ଗି, ଆଜିକ କୁମ୍ବିକା, ଡକଦରା କିଲାକା, ମାଙ୍ଗୁଲୁ ମାଣ୍ଡାଙ୍ଗି, ସିଙ୍ଗାନା ମାଣ୍ଡାଙ୍ଗି, ସନ୍ତୋଷ କିଲାକା, ବାରିକା ମାଣ୍ଡାଙ୍ଗି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରଜ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍ସବମୁଖର ରାମନାଗୁଡ଼ା

ରାମନାଗୁଡ଼ା,୧୪।୬(ସମିସ): ରାୟଗଡ଼ ଜିଲ୍ଲା ରାମନାଗୁଡ଼ା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଆନନ୍ଦ ଓ ଉତ୍ସାହର ପରିବେଶ ମଧ୍ୟରେ ରଜ ଉତ୍ସବ ପାଳିତ ହେଉଛି। ଏହି ଅବସରରେ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଦୋଳି ଖେଳ, ପାରମ୍ପରିକ ଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୁବତୀ ଓ ମହିଳାମାନେ ନୂତନ ପୋଷାକ ପରିଧାନ କରି ରଜ ଉତ୍ସବ ପାଳନ କରିଥିଲେ। ପିଠାପଣା, ପୋଡ଼ପିଠା ଓ ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନର ସୁଗନ୍ଧରେ ଉତ୍ସବମୁଖର ହୋଇଉଠିଥିଲା ସମଗ୍ର ଅଞ୍ଚଳ। ପେଣକାମ ପଞ୍ଚାୟତ ଅନ୍ତର୍ଗତ ଝୋରା ଗ୍ରାମରେ ଯୁବତୀ ମାନେ ଭଳିକି ଭଳି ପିଠା ପ୍ରସ୍ତୁତ କରି ରଜ ଦୋଳି କରି ଭରପୁର ମଜା ଉଠାଇଥିବା ଦେଖିବାକୁ ମିଳିଥିଲା । ଏଥିରେ ପଲ୍ଲବୀ, ସଂଗୀତା, ଅଙ୍କିତା, ମଧୁସ୍ମିତା ସରିତାଙ୍କ ସହ ଅନେକ ଯୁବତୀ ସାମିଲ ହୋଇଥିଲେ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଏହି ପର୍ବରେ ସାମିଲ ହୋଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିଥିଲେ। ରଜ ଉତ୍ସବ ମାଧ୍ୟମରେ ଓଡ଼ିଆ ଜାତିର ଐତିହ୍ୟ, ସଂସ୍କୃତି ଓ ସାମାଜିକ ଏକତାର ବାର୍ତ୍ତା ପ୍ରସାରିତ ହୋଇଥିବା ବେଳେ, ଏହା ସମସ୍ତଙ୍କ ମନରେ ଆନନ୍ଦ ଓ ଉତ୍ସାହ ଭରି ଦେଇଥିଲା।



## ବିଭିନ୍ନ ଅଞ୍ଚଳରେ ବିଧାୟକଙ୍କ ଜନସମ୍ପର୍କ ଅଭିଯାନ

# ସବୁ ସମସ୍ୟାର ସମାଧାନ ହେବ: ଗୌରୀ ଶଙ୍କର ମାଝୀ





ନବରଙ୍ଗପୁର,୧୪।୬(ସମିସ): ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ଗୌରୀଶଙ୍କର ମାଝି ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାଡବନ୍ଧଗୁଡା ପଞ୍ଚାୟତର ସାନ ମାଳିଗୁଡା, କୋଟ୍ରାଗୁଡା, ଘାଟଗୁଡା, ଲଙ୍ଗଳା ଅଟାଳ, ମୁହୁଲି ଗୁଡା, ଦଣ୍ଡସେନା ଗୁଡା, ଉସୁରି ପଦର, ଜଗନ୍ନାଥ ପୁର ପଞ୍ଚାୟତର, ଜଗନ୍ନାଥ ପୁର, ଲାଉ ଗୁଡା, ପର୍ଡି ପାସ, ଚାଉଁରିଆ ଗୁଡା, ବଡ ଦେବତା ଗୁଡା, ସାନ ଦେବତା ଗୁଡା, ଫୁଂଫୁଗାଁ, ଗୌଡ କଷ୍ଟି ଗୁଡା, ପରଜା କୋଷ୍ଟି ଗୁଡା, ବାମନ ଗୁଡା, ମଝିଆ ଦେବତା ଗୁଡା, ଭଞ୍ଜ ଗୁଡା, ମୁର୍ଲାବାଇ ଗ୍ରାମ ସହ ବିଭିନ୍ନ ଗ୍ରାମ ପରିଦର୍ଶନ କରି ଜନସମ୍ପର୍କ ଅଭିଯାନକୁ ସୁଦୃଢ଼ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ମାଝୀ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କର ସମସ୍ୟା, ଅଭାବ ଓ ଆବଶ୍ୟକତା ବିଷୟରେ ଅବଗତ ହୋଇଥିଲେ। ଗ୍ରାମ ଗସ୍ତ ସମୟରେ ବିଧାୟକ ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ବିଭିନ୍ନ ଦାବି ଓ ଅଭିଯୋଗ ଶୁଣିଥିଲେ। ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଜନସମ୍ପର୍କ ଅଭିଯାନରେ ଜଗଦୀଶ ଚନ୍ଦ୍ର ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ ସାଧାରଣ ସମ୍ପାଦକ ଦେବଦାସ ମହାକୁଡ, ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା, ଜିଲ୍ଲା ଉପ ସଭାପତି ସନାତନ ତ୍ରିପାଠୀ, ଯୁବ ମୋର୍ଚ୍ଚା ଉପ ସଭାପତି ରିତେଶ ଭଞ୍ଜ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ବିଷୋୟୀ,ଭଗବାନ ବିଷୋୟୀ, ଦେବି ପ୍ରସାଦ ମହାପାତ୍ର, ଅରୁଣ ଚୌଧୁରୀ, ଆଶିଷ ଟାକ୍ରି, ଅକ୍ଷୟ ମହାନ୍ତି, ସୌମ୍ୟକାନ୍ତ ତ୍ରିପାଠୀ ସ୍ଥାନୀୟ ଜନପ୍ରତିନିଧି, ଦଳୀୟ କର୍ମୀ ଏବଂ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ବିଧାୟକଙ୍କ ଏହି ଗ୍ରାମ ଗସ୍ତକୁ ସାଧାରଣ ଲୋକ ସ୍ୱାଗତ କରିଥିବା ବେଳେ ଅଞ୍ଚଳର ବିକାଶ ନେଇ ଆଶା ପ୍ରକାଶ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ଜନସମ୍ପର୍କ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ ବିଧାୟକ ଶ୍ରୀ ମାଝୀ।

# କୋଷାଗୁମୁଡ଼ାରେ ରଜ ପର୍ବ ପାଳିତ



କୋଷାଗୁମୁଡା,୧୪।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଉତ୍ସବକୁ କୋଷାଗୁମୁଡା, କୋଡ଼ିଙ୍ଗା, ଟେମ୍ରା, ସନ୍ତୋଷପୁର, ରାଜୋଡା, ତାରାଗାଁ, ବଡ଼ ଆମ୍ବଡା ଭଳି ସ୍ଥାନୀୟ ଅଞ୍ଚଳରେ ଘରେ ଘରେ ପାଳନ ହୋଇଛି। ଆଜି ଏହି ଉତ୍ସବ ନେଇ ଗାଁରୁ ସହର, ପଲ୍ଲୀରୁ ଦିଲ୍ଲୀ , ସବୁଠି ଉତ୍ସବର ମାହୋଲ୍ ହୋଇଛି। ପିଲା, ବୁଢା ସମସ୍ତେ ପାଳୁଛନ୍ତି ଏହି ପାରମ୍ପରିକ ପର୍ବ ନିଜ ନିଜ ଘରେ। ବନ୍ଧୁବାନ୍ଧବରେ ଘରଦ୍ୱାର ପୁରି ଉଠିଛି। ଘରେ ଘରେ ଏବେ ପୋଡପିଠାର ମହକ। ପୋଡ ପିଠା, ନଡିଆ କୋରାଠୁ ଆରମ୍ଭ କରି ଯନ୍ତା ପିଠା ଯାଏଁ ପିଠାର ମହକରେ ଫାଟି ପୋଡୁଛି ଗାଁ ଦାଣ୍ଡ। ଏହି ରଜ ମଉଜକୁ ଚଳିତ ବର୍ଷ ଖୁବ ଆଡମ୍ବରରେ ପାଳନ କରୁଛନ୍ତି ସମସ୍ତେ। ରଜ ଓଡ଼ିଶାର ଏକ ପାରମ୍ପରିକ ପର୍ବ ଓ ରାଜ୍ୟର ଗଣପର୍ବ । ଏହା ତିନିଦିନ ଧରି ପାଳନ କରାଯାଇଥାଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ। ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ବସୁମତୀ ସ୍ନାନ ଚାଷର ଆରମ୍ଭକୁ ସୂଚାଇଥାଏ। ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା। ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ଆଜି ଅପରାହ୍ନରେ କୋଷାଗୁମୁଡ଼ାର ଗାନ୍ଧୀ ଉଦ୍ୟାନରେ ସ୍ଥାନୀୟ ମହିଳାଙ୍କ ରଜ ପର୍ବ ପାଳନ ପାଇଁ ଭିଡ ଦେଖିବାକୁ ମିଳିଥିଲା।

**ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

# ଅଭିଯୁକ୍ତ ଘର ଭାଙ୍ଗିଲେ ପୀଡ଼ିତଙ୍କ ପରିବାର

ପୋଡ଼ାଗଡ଼,୧୪।୬(ସମିସ): ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆ ଗୁଡା ପଞ୍ଚାୟତ ଅଧିନସ୍ଥ ପଞ୍ଜଡା ପଦର ଗାଁରେ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହାକୁ ନେଇ ଗ୍ରାମରେ ଦେଖା ଦେଇଛି ଚାପା ଉତ୍ତେଜନା । ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଆଜି ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ତଦନ୍ତ କରିଛି। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ପଠାଇଛି ଦଶମନ୍ତପୁର ପୁଲିସ। ମହିଳାଙ୍କ ମୃତଦେହ ଉଦ୍ଧାର ସମୟରେ କୋରାପୁଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସଞ୍ଜୟ ମଣ୍ଡଳ, ଦଶମନ୍ତପୁର ତହସିଲଦାର ପ୍ରିୟା ପୁଷ୍ପାଞ୍ଜଳି ବେହେରା, ଥାନା ଅଧିକାରୀ ଚରଣ ସିଂ ମାଝୀ, ଏସ୍ଆଇ ନୀଳାଦ୍ରି କହାରଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ଥିଲେ। ମୃତ ମହିଳାଙ୍କ ପରିବାର ତଥା ବାପା' ମା' ଓ ଭଉଣୀ ହତ୍ୟା ଅଭିଯୋଗ



ଆଣିଛନ୍ତି। ସେମାନେ କହିଛନ୍ତି, ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ। ଅଭିଯୋଗକୁ କେନ୍ଦ୍ର କରି ୬୮/ ୨୬ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିବା ଦଶମନ୍ତପୁର ଥାନା ଅଧିକାରୀ ଚରଣ ସିଂ ମାଝୀ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ମୃତ ମହିଳାଙ୍କ ପରିବାର ଏବଂ ଗ୍ରାମବାସୀ ମିଶି କୋରାପୁଟ ସଦର ଥାନା ଅଧିନସ୍ଥ ତାମିଲି ଗ୍ରାମର ବୁଦୁରା ସାଉନ୍ତାଙ୍କ ଘର ସମ୍ପୂର୍ଣ ଭାଙ୍ଗି ଦେଇଥିବା ଦେଖା ଦେଇଛି। ଏହି ଘର ଭଙ୍ଗା ନେଇ କୋରାପୁଟ ସଦର ଥାନାକୁ ଅଭିଯୋଗ କରିବା ନିମନ୍ତେ ବୁଦୁରା ଯାଉ ଥିବା ସମୟରେ ମହିଳାଙ୍କ ପାରିବାର ଲୋକେ ବାଟରେ ଅଟକାଇ ମରଣାନ୍ତକ ଆକ୍ରମଣ କରି ରାସ୍ତା କଡ଼ରେ ଫୋପାଡ଼ି ଚାଲି ଯାଇଥିଲେ। ଗୁରୁତର ଅବସ୍ଥାରେ ବୁଦୁରାଙ୍କୁ ଉଦ୍ଧାର କରି ପୋଡ଼ାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ବୁଦୁରାଙ୍କ ପତ୍ନୀ ଡାଲବତି ସାଉଁତା ଗାଦିଆ ଗୁଡ଼ା ସରପଞ୍ଚ ଆନନ୍ଦ ନାୟକଙ୍କ ସମେତ ଗ୍ରାମରଲୋକେ ପୋଡ଼ାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ନେଇ ଥିଲେ।

**● ରାଧାକୃଷ୍ଣ ମନ୍ଦିରରୁ କଳାକନା ବୁଲାଇଲେ ଚୋର**

# ୧୫ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍

କୁନ୍ଦୁରା,୧୪।୬(ସମିସ): ମନ୍ଦିରରେ କଳାକନା ବୁଲାଇଲେ ଚୋର। ପାଖାପାଖି ୧୫ ଲକ୍ଷ ଟଙ୍କାର ଠାକୁରଙ୍କ ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ସଦର ମହାକୁମା ସ୍ଥିତ ରାଧା କୃଷ୍ଣ ମନ୍ଦିରରେ ଘଟିଛି ଏଭଳି ଅଘଟନ। ଗତକାଲି ରାତିରେ ଦୁର୍ବୃତ୍ତ ମାନେ କବାଟ ତାଡ଼ି ଶ୍ରୀରାଧା, କୃଷ୍ଣ ଓ ଲଳିତାଙ୍କ ବିଗ୍ରହରେ ଲାଗିଥିବା ପ୍ରାୟ ୫ କିଲୋ ରୁପା ଗହଣା ଏବଂ ୨-୩ ତୋଳା ସୁନା ଗହଣା ବାହାର କରି ନେଇଛନ୍ତି। ମନ୍ଦିର କବାଟ ତାଡ଼ିବା ସହ ଜଗୁଆଳି ସ୍ୱାମୀ ସ୍ତ୍ରୀଙ୍କ କୋଠରୀରେ ବାହାର ପଟରୁ ତାଲା ମାରି ମନ୍ଦିରରୁ ସୁନା ଲୁଟିଛନ୍ତି। ଏନେଇ ମନ୍ଦିର



କମିଟି ତରଫରୁ ଏତଲା ପରେ ଅଭିଯୋଗକୁ ଭିତ୍ତି କରି ବୈପାରୀଗୁଡା ଥାନା ଅଧିକାରୀ ଡମ୍ବୁରୁଧର ବାତ୍ରୀୟା ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରୁଛନ୍ତି। ଗତ କିଛି ଦିନ ଭିତରେ ଦିଗାପୁର ପଞ୍ଚାୟତର ବିଭିନ୍ନ ଗାଁରେ ଚୋରି ଡକାୟତି ବାରମ୍ବାର ହେଉଥିବା ନେଇ କୋଲାବ ନଦୀ ଛକ ଠାରୁ ଦିଗାପୁର ନଡ଼ିଆଲପାଲି ପର୍ଯ୍ୟନ୍ତ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି ପାଇଁ ଦାବି ହୋଇଛି। ଜୟପୁର ଏସ୍‌ଡିପିଓ ସୁଶ୍ରୀ ମିତ୍ତଲ୍ ଏହି ଘଟଣାକୁ ଗୁରୁତର ସହ ନେଇ ନିଜେ ବୁଝିବେ ବୋଲି କହିଛନ୍ତି।

# ଘରକୁ ଧକ୍କା ଦେଲା ବାଲିବୋଝେଇ ଟିପ୍ପର: ୪ ଆହତ





କୋଷାଗୁମୁଡ଼ା,୧୪।୬(ସମିସ): କୋଷାଗୁମୁଡାରୁ ନବରଙ୍ଗପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ବାଲି ବୋଝେଇ ଟିପ୍ପର କୋଡୀଙ୍ଗା ଥାନା ପୂଜାରୀଗୁଡା ସ୍ଥିତ ବୁଲାଣି ନିକଟରେ ହଠାତ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ସୁନାଧର ଧୁରୁଆଙ୍କ ଘରକୁ ଧକ୍କା ଦେଇ ଓଲଟି ପଡିଛି। ଦୁର୍ଘଟଣାରେ ଘରର କାନ୍ଥ ଭାଙ୍ଗିଯିବା ସହ ପରିବାର ଲୋକେ ଶୋଇଥିବା କୋଠରୀ, ବାଇକ୍ ଓ ଦୋକାନ ସାମଗ୍ରୀ ଗୁଡ଼ିକ ଚାପି ହୋଇଯାଇଛି। ଟିପ୍ପରର ଡ୍ରାଇଭର ଓ ହେଲପର ମଧ୍ୟ ଗାଡ଼ିରେ ଚାପି ହୋଇଯାଇଥିଲେ। ପ୍ରଚଣ୍ଡ ଶବ୍ଦ ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀର ଟିମ୍ ପହଞ୍ଚି ଦୀର୍ଘ ସମୟର ଅପରେସନ୍ ପରେ ପରିବାର ଲୋକଙ୍କ ସହ ଡ୍ରାଇଭର ଏବଂ ହେଲପରଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ସୁନାଧର ଧୁରୁଆଙ୍କ ଛାତି ଓ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବା ବେଳେ ତାଙ୍କ ବୋହୂ ମଧ୍ୟ ଆହତ ହୋଇଛନ୍ତି। ଟିପ୍ପରର ହେଲପରଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଡ୍ରାଇଭରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସମସ୍ତ ଆହତଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି। ଅନ୍ୟପଟେ ଖବର ପାଇଁ ଘଟଣାସ୍ଥଳରେ କୋଡିଙ୍ଗା ପୁଲିସ ଓ ପାପଡାହାଣ୍ଡି ଏସ୍‌ଡିପିଓ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟିପ୍ପରକୁ ଜବତ କରିଛନ୍ତି। କେଉଁ ପରିସ୍ଥିତିରେ ଟିପ୍ପରଟି ଭାରସାମ୍ୟ ହରାଇଲା ଓ ଏହି ଦୁର୍ଘଟଣା ପଛରେ ଅବହେଳା ନା ଅନ୍ୟ କୌଣସି କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

# ନବଜାତ ଶିଶୁପୁତ୍ର ଉଦ୍ଧାର

କୋରାପୁଟ/କାକିରିଗୁମା,୧୪।୬(ସମିସ): ରବିବାର ସକାଳେ କାକିରିଗୁମା ପୁଲିସ ପକ୍ଷରୁ ସନ୍ତୋଷୀ କଲୋନୀର ଏକ କଦଳୀ ଗଛ ମୂଳରୁ ଜଣେ ନବଜାତକ ଶିଶୁପୁତ୍ର ଉଦ୍ଧାର କରାଯାଇଛି। ନବଜାତକର କ୍ରନ୍ଦନ ଶୁଣି କଲୋନୀ ବାସିନ୍ଦା ପୁଲିସକୁ ଖବର ଦେଇଥିଲେ। ନବଜାତ ଶିଶୁକୁ ଉଦ୍ଧାର କରି ପୁଲିସ ପ୍ରଥମିକ ଚିକିତ୍ସା ପାଇଁ କାକିରିଗୁମା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶିଶୁକୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ପକ୍ଷରୁ ଶିଶୁଟିକୁ ଚାଇଲ୍ଡ ଲାଇନ୍କୁ ହସ୍ତାନ୍ତର କରା ଯାଇଥିବା ଥାନା ଅଧିକାରୀ ସୁଲଚନା ପ୍ରଧାନ ପ୍ରକାଶ କରିଛନ୍ତି।

# ବିଶ୍ୱ ରକ୍ତଦାତା ଦିବସରେ ରକ୍ତଦାନ ଶିବିର

ସୁନାବେଡା,୧୪।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସୁନାବେଡା ସ୍ଥିତ ରାଇଜିଂ ଷ୍ଟାର କ୍ଲବ ଏବଂ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଆୟୋଜିତ ଉକ୍ତ ଶିବିରକୁ ସୁନାବେଡା ହାଲର ଅତିରିକ୍ତ ମହା ପ୍ରବନ୍ଧକ ଅରବିନ୍ଦ ସ୍ୱାମୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରୋଶନୀ ଖେସ୍, ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ବରିଷ୍ଠ କର୍ମକର୍ତ୍ତା ଶେଖ ଇବ୍ରାହିମ, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଶାହେଦା ପରୱିନ, ସ୍ୱରାଜ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଫୋରମ୍‌ର ଯୁଗ୍ମ ସମ୍ପାଦକ ତଥା ରାଇଜିଂ ଷ୍ଟାର୍ କ୍ଲବର ବରିଷ୍ଠ ସଦସ୍ୟ ବିଲସେନ ସତ୍ୟ ଶିବିରର ପ୍ରଥମ ରକ୍ତଦାତା ଭାବେ ରକ୍ତ ଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ଲବ୍‌ର ସଭାପତି ସୁବାସ ଚନ୍ଦ୍ର ଜେନା, ବାସୁଦେବ ଖେମୁଣ୍ଡୁ,




ଡା. ରାକେଶ ପ୍ରଧାନ, ଦେବାଶିଷ ନାୟକ, ପ୍ରଶାନ୍ତ କୁମାର ଦୋରା, ଅରୁଣ କୁଲଦୀପ, କେଶବ ଦାସ, ଦେବ ମହାନନ୍ଦିଆ, ଦଶରଥ ଟାକ୍ରି, ଲିଙ୍ଗରାଜ ଟାକ୍ରି,ଶୃତି କୁଲଦୀପ, ଜିବା ବେନିଆଙ୍କ ସମେତ ଅନ୍ୟାନ୍ୟ ରକ୍ତଦାତା ରକ୍ତଦାନ କରିଥିଲେ। ସୁନାବେଡା ଆଇସିଏଆରର ବରିଷ୍ଠ ଅଧିକାରୀ ଭୁପେନ୍ଦ୍ର ସିଂ ନାୟକ, ଗୋଲକ ବିହାରୀ ନାୟକ, ଡିବିଡି ଏମଏଫ୍‌ର କର୍ମକର୍ତ୍ତା ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ସନ୍ଦୀପ ପଟ୍ଟନାୟକ, ଆଶା ଶର୍ମା, କନ୍ଧ ମହାରଣା, ନବୀନ ଚୌଧୁରୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ରକ୍ତ କେନ୍ଦ୍ରର କର୍ମକର୍ତ୍ତା ସୁଶୀଳା ଶବର, ଦେବବ୍ରତ ଦାସ ଓ ସଞ୍ଜୟ ସିଂ ସମୁଦାୟ ୨୨ ଜଣ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।

# ଶିକ୍ଷା ଓ ଶିକ୍ଷକ କର୍ମଶାଳା ଉଦ୍‌ଯାପିତ



ଜୟପୁର,୧୪।୬(ସମିସ): ଜୟପୁର ସହରର ପାଇକ ସାହି ସାରସ୍ୱତ ବାଲ ମନ୍ଦିରରେ ବିଦ୍ୟାଳୟର ବାର୍ଷିକ ଶିକ୍ଷା ଭିତ୍ତିକ କର୍ମଶାଳା 'ଶିକ୍ଷା ଓ ଶିକ୍ଷକ କର୍ମଶାଳା' ଆଜି ଉଦ୍‌ଯାପିତ ହୋଇଯାଇଛି। ଗତ ୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ ବିଷୟ ଏବଂ ଶିକ୍ଷାଦାନର ବ୍ୟବସ୍ଥା ନେଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମନସ୍ତତ୍ତ୍ୱ ଲିଖନ ଓ ପଠନ, କଳା ପ୍ରଶିକ୍ଷଣ, ଲିଖନ ଓ ପଠନ, ଚିତ୍ର, କାଗଜମୂର୍ତ୍ତି ଓ ହସ୍ତ କାରିଗରୀ, କଳା କୌଶଳ, ଜୀବନ ଶୈଳୀରେ ଚିତ୍ର, ଚାରୁକଳା, ସଂଗୀତ ଶିକ୍ଷା, ବ୍ୟାକରଣ, ହିନ୍ଦୀ ଶିକ୍ଷା ପ୍ରଭୃତି ଅନ୍ୟାନ୍ୟ ବିଷୟରେ ପ୍ରଶିକ୍ଷକ ଭାବେ ଏନ ସୁଧାକର, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ନିରଞ୍ଜନ ପାଣିଗ୍ରାହୀ, ନୃସିଂହ ଷଡ଼ଙ୍ଗୀ ଏବଂ ପଦ୍ମଚରଣ ଚୌଧୁରୀ, ମନୋରଞ୍ଜନ ଦାଶ, ପଞ୍ଚାନନ ମିଶ୍ର, ରାଧାମୋହନ ପଣ୍ଡା, ମହମ୍ମଦ ସରିଫ, ଉଦୟ ଶଙ୍କର ଜାନୀ, ଦିଲୀପ ପଣ୍ଡା, ଲକ୍ଷ୍ମୀକାନ୍ତ ପାଢି, ଅମର ମିଶ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭାପତି ସଭାପତି ଅନୁପ କୁମାର ସାମନ୍ତରାୟ ଓ ବିଜୟ ଲକ୍ଷ୍ମୀ ସ୍ୱାଇଁ ପରିଚାଳନା କରିଥିଲେ।

# ବୈଦ୍ୟ ଗୁପ୍ତା ନାୟକଙ୍କ ପରଲୋକ

ବୈପାରୀଗୁଡା,୧୪।୬(ସମିସ): ବୈପାରୀଗୁଡା ବ୍ଲକ କେନ୍ଦୁଗୁଡା ପଞ୍ଚାୟତର ପାରମ୍ପରିକ ଚିକିତ୍ସକ ତଥା ବୈଦ୍ୟ ଗୁପ୍ତା ନାୟକଙ୍କ ଅକାଳ ବିୟୋଗ ଘଟିଛି । କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ଗତକାଲି



ରାତିରେ ନିଜ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କ ମୃତ୍ୟୁକୁ ନେଇ ବୈପାରୀଗୁଡା ସମେତ ଆଖପାଖ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ସୂଚନା ଥାଉକି, ସେ ଜଣେ ଦକ୍ଷ ବୈଦ୍ୟ, ନିଷ୍ଠାବାନ ମନ୍ଦିର ପୂଜାରୀ ଏବଂ ସମାଜସେବୀ ଥିଲେ। ଗ୍ରାମର ଠାକୁରାଣୀ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଆସୁଥିଲେ ଏବଂ ଧାର୍ମିକ ଓ ସାମାଜିକ ପରମ୍ପରାର ସୁରକ୍ଷାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ତାଙ୍କ ଜୀବନକାଳ ମଧ୍ୟରେ ସେ ଅସଂଖ୍ୟ ଲୋକଙ୍କୁ ନିଶାମୁକ୍ତ କରିବା ଓ ମଦ୍ୟପାନ ଛାଡ଼ିବା ପାଇଁ ପ୍ରେରିତ କରିଥିଲେ। ଆୟୁର୍ବେଦିକ ଚିକିତ୍ସା ମାଧ୍ୟମରେ ଅନେକ ରୋଗୀଙ୍କୁ ସୁସ୍ଥ କରିଥିଲେ।

**● ପାଡୁଆରେ ବିଜେଡିର ସାଂଗଠନିକ ସଭା**

# ବିଜେଡିରେ ଯୋଗଦେଲେ ୫ କଂଗ୍ରେସ କର୍ମୀ

ନନ୍ଦପୁର,୧୪।୬(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ପଞ୍ଚାୟତସ୍ତରୀୟ ବିଜେଡି ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ନନ୍ଦପୁର ବିଜେଡି ପକ୍ଷରୁ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଲାଗି ଏହି ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ସେକ ବାଜିଙ୍କ ନେତୃତ୍ୱରେ ବିଜେଡି ପଞ୍ଚାୟତ ସଭାପତି ପତି ଗୋଲରିଙ୍କ ଆହ୍ୱାନ କ୍ରମେ ଆଡୁଆ ଗ୍ରାମ ପଞ୍ଚାୟତ ଅଧୀନସ୍ଥ କିରାମ୍ବ ଗ୍ରାମରେ କର୍ମୀଙ୍କ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧକ୍ଷା ସାବିତ୍ର କର୍ତ୍ତୁଲ୍, ପୂର୍ବତନ



ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ , ପୂର୍ବତନ ବ୍ଲକ ଅଧକ୍ଷା ଲକ୍ଷ୍ମୀ ହନ୍ତାଳ, ଯୁବ ନେତା ସୁରେଶ ପଟ୍ଟନାୟକ, କମଯ୍ୟା ପାଙ୍ଗି ପ୍ରମୁଖ ଯୋଗ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ସଦସ୍ୟଙ୍କୁ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦୁଇ ବର୍ଷର ବିଜେପି ବିଫଳତାକୁ କଟାକ୍ଷ କରିଥିଲେ। ଏହି ଅବସରରେ ୬ଜଣ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ସେମାନେ ହେଲେ ଧନ ଜଟିଆ, ଜୟସେନ୍ ଚେଣ୍ଡିଆ, ଇନ୍ଦ୍ର ଖରା, ପଦଲାମ୍ ପାଙ୍ଗି, ଲକ୍ଷ୍ମୀଧର ପାଙ୍ଗି, ଜୟରାମ ମାଟାମ୍ । ଏହି ସାଂଗଠନିକ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହଦେବ ଖରା, ସରପଞ୍ଚ ଗୋପୀନାଥ ଶିଶା, ସମିତି ସଭ୍ୟ ନୀଳକଣ୍ଠ ମାଝୀ, ବଳରାମ ପାଙ୍ଗି, ବିଶ୍ୱନାଥ ମହାନ୍ତି, ବିଶ୍ୱ ପାଙ୍ଗି ରାମ ନାଥ ପାଙ୍ଗି, ଜଗନ୍ନାଥ ପାଙ୍ଗି, ସାଧୁ ହନ୍ତାଳ, ଜୟରାମ ଖରା, ଜୟସେନ୍ ଖେମୁଣ୍ଡୁ ଓ ଟୁକୁଲି ସିନ୍ଧେରି ପ୍ରମୁଖ ଯୋଗ ଦେଇଥିଲେ।

# ଟିକିରି ଅଞ୍ଚଳରେ ପାଳିତ ହେଲା ପହିଲି ରଜ

ଟିକିରି,୧୪।୬(ସମିସ): ଓଡିଶାର ଅନ୍ୟ ଏକ ମୁଖ୍ୟପର୍ବ ରଜ ରାୟଗଡ ଜିଲ୍ଲା କାଶିପୁର ବ୍ଲକ ଟିକିରି ଅଞ୍ଚଳରେ ପାଳିତ ହୋଇଛି। ଆଜି ପହିଲି ରଜ ଥିବା ବେଳେ ଗାଁର ଝିଅ ବହୁ ମାନେ ପାଦରେ ଅଳତା, ହାତରେ ମେହେନ୍ଦୀ ଓ ନୂଆ ଶାଢୀ ପିନ୍ଧି ବିଭିନ୍ନ ଗଛରେ ଦୋଳି ବାନ୍ଧି , ଦୋଳିକୁ ଫୁଲ ବେଲୁନରେ ସୁସଜ୍ଜିତ କରି ଆଡମ୍ବରରେ ପାଳନ କରିଛନ୍ତି। ରଜ ପାନକୁ ସୁସ୍ୱାଦ ପୋଡ଼ପିଠାର ଆନନ୍ଦ ଉଠାଇଥିଲେ ଯୁବତୀ ମାନେ। ଡୁଡୁକାବାହାଲ ପଞ୍ଚାୟତ ଅନ୍ତର୍ଗତ ସର୍ଗୀଗୁଡା ଗ୍ରାମର ଯୁବତୀ ଓ ବୋହୂମାନେ ରବିବାର ସକାଳେ ଗାଧେଇ ସଜେଇ ହୋଇ ଆମ୍ବଗଛରେ ଦୋଳିବାନ୍ଧି ନାଚଗୀତ କରି ଦୋଳି ଝୁଲି ରଜର ମଜା ଉଠାଇଥିଲେ। କାଶିପୁର ବ୍ଲକର ବିଭିନ୍ନ ଗ୍ରାମରେ ଯୁବତୀମାନେ ରଜ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ବେଳେ ପାଇକ କୁପାଖାଲ ଗ୍ରାମରେ ସବୁବର୍ଷ ଭଳି ଏବର୍ଷ ମଧ୍ୟ ଧୂମଧାମରେ ରଜ ପାଳନ ହେବ ଏବଂ ୧୬ ଜୁନ୍‌ରେ ଓଡିଆ ଅଭିନେତା ରାକେଶ ଯୋଗଦେବା କାର୍ଯ୍ୟକ୍ରମ ଅଛି।



# 'ଆସ୍ଥେଟିକ କୋରାପୁଟ'ର କଳାକାର ସମାବେଶ




ସୁନାବେଡ଼ା,୧୪।୬ (ସମିସ); କୋରାପୁଟ ଜିଲ୍ଲା ସୁନାବେଡା -୩ ସ୍ଥିତ ସୌମ୍ୟ ଅରିଜିନାଲ ଷ୍ଟୁଡିଓରେ ଆସ୍ଥେଟିକ୍ କୋରାପୁଟ ପକ୍ଷରୁ ପ୍ରଥମ ପହିଲି ରଜ ଉପଲକ୍ଷେ କଳାକାରମାନଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ଆସ୍ଥେଟିକ କୋରାପୁଟର ପ୍ରତିଷ୍ଠାତ୍ରୀ ସ୍ମିତା ରାଣୀ ସୀସା ଓ ସହ ପ୍ରତିଷ୍ଠାତ୍ରୀ ସ୍ନିଗ୍ଧା ରାଣୀ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରୁ କଳାକାର ମାନେ ନିଜର ଲୁକ୍କାୟିତ ପ୍ରତିଭାକୁ ପ୍ରଥମ ଥର ପାଇଁ ପ୍ରଦର୍ଶନ କରିବାକୁ ସୁଯୋଗ ପାଇଥିଲେ। ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ କୋଟିର କବିତା, ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରଯାଇଥିଲା। ଏଥିରେ ୨୦ରୁ ଅଧିକ କଳାକାର ଭାଗ ନେଇଥିଲେ। ଯେପରିକି ନବରଙ୍ଗପୁର, ଜୟପୁର, ଦାମନଯୋଡି, ସୁନାବେଡ଼ା, କୋରାପୁଟ ଭଳି ବିଭିନ୍ନ ପ୍ରାନ୍ତରୁ କଳାକାର ମାନେ ଛୁଟି ଆସି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଏକ ନମ୍ବର ୱାର୍ଡର ପାରିଷଦ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ସମାଜସେବୀ ଅଶ୍ୱିନ ପଟ୍ଟନାୟକ ଓ କଳାକାର ଚନ୍ଦନ ପଟ୍ଟନାୟକ ଭଳି ଅନେକ ବରିଷ୍ଠ କଳକାର ଉପସ୍ଥିତ ରହି ବାହାରରୁ ଆସିଥିବା କଳକାର ମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ଶିବାନୀ ଲେଙ୍କା ଉପସ୍ଥିତ ରହି ସହଯୋଗ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାରମାନେ ଆସ୍ଥେଟିକ୍ କୋରାପୁଟ ଏବଂ 'ସୌମ୍ୟ ଅରିଜିନାଲ'ର ଏହି ପ୍ରୟାସ କୁ ଧନ୍ୟବାଦ ଜଣାଇଥିଲେ।

**ଅଗ୍ନିକାଣ୍ଡର ୨୧ ଦିନ ପରେ ଓଡ଼ିଶା ସରକାରଙ୍କ ଚିନ୍ତା ପଶିଲା**

# ଓଏଚ୍‌ପିସି ନିର୍ଦ୍ଦେଶକଙ୍କ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ପରିଦର୍ଶନ

ଲମତାପୁଟ,୧୪।୬ (ସମିସ) : ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ଅଗ୍ନିକାଣ୍ଡ ଘଟଣାକୁ ୨୧ ଦିନ ବିତିବା ପରେ ପ୍ରକଳ୍ପ ପରିଦର୍ଶନ କରିଛନ୍ତି ଓଏଚ୍‌ପିସି ନିର୍ଦ୍ଦେଶକ ଅମୟ କୁମାର ମହାନ୍ତି । ଗତ ମାସ ୨୩ ତାରିଖରେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ ହୋଇଥିଲା। ଏହି ପ୍ରକଳ୍ପଟି ଓଡିଶା ଆନ୍ଧ୍ର ମିଳିତ ପ୍ରକଳ୍ପ ହୋଇଥିବା ବେଳେ ଆନ୍ଧ୍ରରୁ ତଦନ୍ତକାରି ଟିମ ଏବଂ ପ୍ରକଳ୍ପ ଡାଇରେକ୍ଟର ଘଟଣାର ପରିଦର୍ଶନ କରିବା ସହ କ୍ଷୟକ୍ଷତି ଅକଳନ କରି ଦୁଇମାସରେ ପୁନଃ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ସକାଶେ ପ୍ରତିଶ୍ରୁତି



ଦେଇଛନ୍ତି । ଓଡିଶାରୁ ଏହି ଘଟଣାକୁ ନେଇ ରାଜନେତାଙ୍କ ସୁଅ ଛୁଟିଥିଲା । କିନ୍ତୁ ଓଡିଶା ପ୍ରଶାସନିକ ତରଫରୁ କୌଣସି ତତ୍ପରତା ଦେଖିବାକୁ ମିଳିନଥିଲା । ଆଜି ଓଏଚ୍‌ପିସି ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଘଟଣା ସମ୍ପର୍କରେ ବୁଝିବା ସହ ପ୍ରକଳ୍ପ ପରିଦର୍ଶନ କରିଥିଲେ ଏବଂ ଏହି ଘଟଣା ପରେ ସେ ପ୍ରତିକ୍ରିୟା ଦେଇ କହିଥିଲେ ଯେ ଏହି ସମୟରେ ନବୀକରଣ କରିଦେଲେ ଠିକ ହୋଇଥାନ୍ତା। କିନ୍ତୁ ଆନ୍ଧ୍ରର ଉପସ୍ଥିତ ପ୍ରକଳ୍ପ ଅଧିକାରୀ କହିଥିଲେ, ନବୀକରଣ ସକାଶେ ଚଳିତ ଜାନୁୟାରୀ ମାସରେ କାର୍ଯ୍ୟ ଆରମ୍ଭ ପାଇଁ ଚିଠି ଦିଆ ଯାଇଥିଲା । କିନ୍ତୁ ଓଏଚ୍‌ପିସି ତରଫରୁ ଏଭଳି କୌଣସି ପ୍ରତିକ୍ରିୟା ମିଳିନଥିଲା । ତେଣୁ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇପାରୁନି । ତେବେ ଉଭୟ ରାଜ୍ୟ ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କାର କ୍ଷତି ସହୁଥିବା ବେଳେ ଓଡିଶା ପ୍ରଶାସନ ଅଧିକାରୀଙ୍କ ଅବେହେଳା ପଦାରେ ପଡିଛି । ତେବେ ପ୍ରକଳ୍ପ ନବୀକରଣ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ ଉଭୟ ରାଜ୍ୟଙ୍କ ଚୁକ୍ତି ନାମା ଅନୁଯାଇ ଉଭୟ ରାଜ୍ୟର ପ୍ରକଳ୍ପ ଅଧିକାରୀ ମାନେ ବୈଠକ କରିବା ସହିତ ଏହାର ସମାଧାନର ବାଟ ବାହାର କରିବା ଜରୁରୀ ହୋଇ ପଡିଛି । ୭୦ ବର୍ଷରୁ ଅଧିକ ଦିନର ପ୍ରକଳ୍ପର ଯନ୍ତ୍ରାଂଶ ଗୁଡିକ ବାରମ୍ବାର ମରାମତି ମାଗିବା ଏବଂ ବାରମ୍ବାର ଅଗ୍ନିକାଣ୍ଡ ଘଟିବା ନବୀକରଣର ହିଁ ଏହାର ଏକମାତ୍ର ସମାଧାନର ରାସ୍ତା ବୋଲି କୁହାଯାଉଛି ।

● ଆବର୍ଜନା ପରିବେଶ ମଧ୍ୟରେ ବାଲିମେଲା ବିଜ୍ଞାପିତ ଅଞ୍ଚଳ

# ସ୍ୱଚ୍ଛତା କେବଳ ସ୍ଲୋଗାନ୍ ନା ବାସ୍ତବତା ?

ମାଲକାନଗିରି/କୋରୁକୋଣ୍ଡା, ୧୪।୬(ସମିସ):




ସ୍ୱଚ୍ଛ ଓ ସୁନ୍ଦର ସହର ଗଠନର ଦାବି ମଧ୍ୟରେ ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ବାସ୍ତବ ଚିତ୍ର ଏବେ ଚିନ୍ତା ବଢ଼ାଇଛି। ବିଭିନ୍ନ ୱାର୍ଡରେ ଜମା ହୋଇଥିବା ଆବର୍ଜନା, ଅସ୍ୱାସ୍ଥ୍ୟକର ପରିବେଶ ଏବଂ ଅବ୍ୟବସ୍ଥିତ ସ୍ୱଚ୍ଛତା ବ୍ୟବସ୍ଥା ସ୍ଥାନୀୟ ବାସିନ୍ଦାଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି। କାଳିଛକ ଅଞ୍ଚଳରେ ଥିବା ନଳକୂପ ଓ ପିଇବା ଜଳ ଟାଙ୍କି ନିକଟରେ ଉପଭୋକ୍ତାମାନଙ୍କ ବ୍ୟବହୃତ ଖାଦ୍ୟ ସାମଗ୍ରୀର ଅବଶିଷ୍ଟ ଓ ପ୍ଲାଷ୍ଟିକ ଆବର୍ଜନା ଦୀର୍ଘଦିନ ଧରି ଜମା ହୋଇ ରହିଛି। ପିଇବା ଜଳ ଉତ୍ସ ନିକଟରେ ଏଭଳି ଅପରିଷ୍କାର ପରିବେଶ ସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ସେହିପରି ୱାର୍ଡ ନମ୍ବର୧୦ରେ ନାଳରେ ଜମା ହୋଇଥିବା ଆବର୍ଜନା ଯୋଗୁଁ ଅଞ୍ଚଳଟି ଦୁର୍ଗନ୍ଧମୟ ହୋଇପଡ଼ିଛି। ନାଳ ସଫେଇ ନିୟମିତ ଭାବେ ନ ହେବାରୁ ମଶା ଓ କୀଟପତଙ୍ଗଙ୍କ ଉତ୍ପାତ ବଢ଼ିବା ସହ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ସରକାରୀ ଶୌଚାଳୟଗୁଡ଼ିକର ଅବସ୍ଥା ମଧ୍ୟ ଦୟନୀୟ। କେତେକ ଶୌଚାଳୟକୁ ଯିବା ପାଇଁ ରାସ୍ତା ନଥିବା ବେଳେ ଅନେକ ଶୌଚାଳୟ ତାଲା ପକାଇ ବନ୍ଦ ରହିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଆଧୁନିକ ଶୌଚାଳୟ ବର୍ଷବର୍ଷ ଧରି ଉଦ୍‌ଘାଟନ ଅପେକ୍ଷାରେ ପଡ଼ି ରହିଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ଭଳି ମୌଳିକ ବିଷୟରେ ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିରବତାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ତିନି ମାଙ୍କଡ଼ର ଗାନ୍ଧୀଗିରି ଭଳି ଆଖି, କାନ ଓ ପାଟି ବନ୍ଦ କରି ସମସ୍ୟାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, "ସ୍ୱଚ୍ଛତା କେବଳ ଆମର ଲକ୍ଷ୍ୟ ନୁହେଁ, ଏହା ଆମର ସର୍ବନିମ୍ନ ଆବଶ୍ୟକତା। "ତେଣୁ ତୁରନ୍ତ ଆବର୍ଜନା ସଫେଇ, ନାଳ ପରିଷ୍କାର, ବନ୍ଦ ଶୌଚାଳୟଗୁଡ଼ିକୁ ଚାଲୁ କରିବା ସହ ପିଇବା ଜଳ ଉତ୍ସ ଚାରିପାଖରେ ସ୍ୱଚ୍ଛ ପରିବେଶ ସୁନିଶ୍ଚିତ କରିବାକୁ ଦାବି ଜୋର ଧରିଛି।

## ପୂର୍ବତନ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି

# 'ରାମମୂର୍ତ୍ତୀ ଗୁଣପୁର ବିକାଶର ସାରଥୀ ଥିଲେ'



ଗୁଣପୁର,୧୪।୬(ସମିସ): ପୂର୍ବତନ ବିଧାୟକ ରାମମୂର୍ତ୍ତୀ ଗମାଙ୍ଗଙ୍କ ବିୟୋଗରେ ଗୁଣପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଏକ ବିଶାଳ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓକିଲ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଦଳମତ ନିର୍ବିଶେଷରେ ସମସ୍ତ ନେତୃବୃନ୍ଦ ଏକାଠି ହୋଇ ସ୍ୱର୍ଗତ ଗମାଙ୍ଗଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଉଥିଲା। ଉପସ୍ଥିତ ନେତୃବୃନ୍ଦ ତାଙ୍କ କାର୍ଯ୍ୟକାଳକୁ ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ "ସୁବର୍ଣ୍ଣ ଯୁଗର ଶୁଭାରମ୍ଭ" ବୋଲି ଅଭିହିତ କରିଥିଲେ। ୯୦ ଦଶକରେ ସ୍ଥାନୀୟ ଯୁବପିଢ଼ିଙ୍କୁ ରାଜନୀତି ଓ ସମାଜସେବା ପ୍ରତି ଆକୃଷ୍ଟ କରିବାରେ ସେ ପ୍ରେରଣା ସାଜିଥିଲେ। ରାମ ମୂର୍ତ୍ତୀ ଗମାଙ୍ଗ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ଉଚ୍ଚକୋଟୀର ଆଧ୍ୟାତ୍ମିକ ପ୍ରବଚକ ଏବଂ ସଦ୍‌ଗୁରୁ ଅର୍ଜ୍ଜୁନଙ୍କ ଅନୁଗାମୀ ଭାବେ ସମାଜରେ ବେଶ୍ ଆଦୃତ ଥିଲେ। ସଉରା ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ସେ ଶବର ସମାଜକୁ ସଚେତନ କରାଇଥିଲେ। ସଉରା ଲିପିକୁ ସାମ୍ବିଧାନିକ ମାନ୍ୟତା ଦେବା ପାଇଁ ଶବର ସାଂସ୍କୃତିକ ସଂଘ ସହ ମିଶି ସେ ଦାବି ଉପସ୍ଥାପନ କରିଥିଲେ। ସଭାରେ ସ୍ୱର୍ଗତ ଗମାଙ୍ଗଙ୍କ ଗୁଡାରୀ ଓ ଗୁଣପୁର ସହରର ବିକାଶ କ୍ଷେତ୍ରରେ ଥିବା ଅବଦାନକୁ ସ୍ମରଣ କରାଯାଇଥିଲା। ସଭାରେ ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ, ରାୟଗଡ଼ା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଦ୍ୟାଧର ଶବର, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ବରିଷ୍ଠ କଂଗ୍ରେସ ନେତା ବିଜୟ କୁମାର ଗମାଙ୍ଗ , ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରାସାଦ ଗୌଡ, ସମାଜସେବୀ ଅକ୍ଷୟ ଦାସ, ସିପିଆଇ(ଏମ୍‌ଏଲ) ଜିଲ୍ଲା ସମ୍ପାଦକ ତିରୁପତି ଗମାଙ୍ଗ ଏବଂ ଓକିଲ ସଂଘର ସଭାପତି ରମେଶ ଚନ୍ଦ୍ର ଲିମା ବରିଷ୍ଠ ଓକିଲ ରାଜେନ୍ଦ୍ର ପାଢ଼ୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱନୀ ଗମାଙ୍ଗ, ବଳୀ ଗମାଙ୍ଗ, ରାଜେନ୍ଦ୍ର ସାହୁକାର, ରାମ ପଟ୍ଟନାୟକ, ତରଣୀ ଶତପଥୀ, ରାମ ପଣ୍ଡା ଓ ପିଙ୍କୁ ପଣ୍ଡା ଯୋଗ ଦେଇଥିଲେ। ବିଜେପି ନେତା ୱାଇ. ଗଣପତି, ଗୁଡ଼ାରିର ନାଗା, ଟି. ନାଗା ଭୂଷଣ ରାଓ, ଜଲତାର ସରପଞ୍ଚ ମାର୍କ ଦଳବେହେରା, ବିଜେଡି ଜିଲ୍ଲା ଉପ-ସଭାପତି ଏସ. ବାବା ପ୍ରସାଦ, ଦୟା ଗମାଙ୍ଗ, ସନ୍ୟାସୀ ଶବର ଏବଂ ଇସ୍ମାଇଲ ଶବରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ରାମମୂର୍ତ୍ତିଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ବିୟୋଗରେ ଗୁଣପୁର ଆଞ୍ଚଳିକ ରାଜନୀତିରେ ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ସଭାରେ ମତ ପ୍ରକାଶ ପାଇଛି।

# କଟାଗଲା ବିପଦସଙ୍କୁଳ ନୀଳଗିରି ଗଛ

ଟିକିରି,୧୪।୬(ସମିସ):

ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରି ସ୍ଥିତ ପୁରୁଣା ମେଡିକାଲ ନିକଟରେ ବହୁବର୍ଷ ଧରି ରହିଥିବା ବହୁତ ବଡ଼ ଗଛକାଟି ରାସ୍ତା ସଫା କଲେ ଅଞ୍ଚଳବାସୀ। ତେବେ ଏହି ଗଛ ଟିକିରି ମାର୍କେଟ କମ୍ପ୍ଲେକ୍ସ ଉପରେ ଥିବାବେଳେ ଏହାକୁ କାଟିବା ଅତି ସହଜ ହେଉନଥିଲା। ଗଛଟି ବହୁ ପୁରୁଣା ଥିବାବେଳେ ଦୋକାନ ବଜାର ଓ ପଥଚାରିମାନେ ପବନ ବର୍ଷା ହେଲେ ଯିବା ଆସିବା ପାଇଁ ଭୟଭୀତ ହେଉଥିଲେ। ତେବେ ଟିକିରି ପୁରୁଣା ମେଡିକାଲ ନିକଟରେ ଦୀର୍ଘ ଦିନ ଧରି ବିପଦଶଙ୍କୁଳ ଅବସ୍ଥାରେ ଥିବା ଏକ ବିରାଟକାୟ ନୀଳଗିରି ଗଛକୁ ଆଜି ସ୍ଥାନୀୟ ଲୋକଙ୍କ ସହଯୋଗ ଓ ସମନ୍ୱୟରେ ସୁରକ୍ଷିତ ଭାବେ କାଟି ଦିଆଯାଇଥିବା ଦେଖିବାକୁ ମିଳିଛି। ଏଥିରେ ଟିକିରି ପୁଲିସ, ବନବିଭାଗ ଓ ବିଦ୍ୟୁତ ବିଭାଗ, ବଣିକ ସଂଘଙ୍କ ସହ ଟିକିରି ଅଞ୍ଚଳର ବୁଦ୍ଧିଜୀବୀ ସହଯୋଗ କରିଥିଲେ। ଏହି ଗଛ କାଟିବାରେ ପାଖାପାଖି ୬ରୁ ୭ ଘଣ୍ଟା ବିଦ୍ୟୁତ୍ କଟାଯାଇଥିଲା। ତେବେ ଗଛଟି ରାସ୍ତା ଏବଂ ନିକଟସ୍ଥ ଘରବାଡ଼ି ପାଇଁ ବିପଦ ସୃଷ୍ଟି କରୁଥିବାରୁ ସ୍ଥାନୀୟ ବାସିନ୍ଦାମାନେ ଚିନ୍ତାରେ ଥିଲେ। ବର୍ଷା ଓ ପବନ ସମୟରେ ଗଛଟି ଯେକୌଣସି ମୁହୂର୍ତ୍ତରେ ଭାଙ୍ଗି ପଡ଼ିବାର ଆଶଙ୍କା ଥିବାରୁ ଏହାକୁ ହଟାଇବା ପାଇଁ ପଦକ୍ଷେପ ନିଆଯାଇଥିଲା। ସମସ୍ତଙ୍କ ସହଯୋଗ ଓ ସଚେତନତା ଯୋଗୁଁ କୌଣସି ଅଘଟଣ ନ ଘଟି ସୁରକ୍ଷିତ ଭାବେ ଗଛ କାଟିବା କାମ ସମ୍ପନ୍ନ ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳବାସୀ ଏହି କାର୍ଯ୍ୟକୁ ସ୍ୱାଗତ କରିବା ସହ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏ ବିଧାୟକ ପ୍ରତିନିଧି ଜିଜୁରୁ ମାଝୀ,ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ ,ବଣିକ ସଂଘ ସଭାପତି ଇନ୍ଦ୍ରଜିତ ସାହୁ, ବିଦ୍ୟାଧୁରିଆ, ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଆବାସ ଖଣ୍ଡେ ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା

# ପଲିଥିନ ତଳେ କଟୁଛି ବୃଦ୍ଧା ସାଇବାଣୀଙ୍କ ଜୀବନ



ଅମ୍ବାଦଳା,୧୪।୬(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଓ ଅସହାୟ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଜନହିତକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଅନେକ ପ୍ରକୃତ ହିତାଧିକାରୀ ଏହାର ସୁଫଳରୁ ଆଜି ମଧ୍ୟ ବଞ୍ଚିତ ରହୁଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ପଞ୍ଚାୟତ କୁମ୍ଭାର ସାହିର ୭୦ ବର୍ଷୀୟା ସାଇବାଣୀ ନାୟକଙ୍କ ଜୀବନରେ। ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନଥିବା ବେଳେ ଫନି ବାତ୍ୟାରେ ତାଙ୍କର ଝାଟିମାଟି କୁଡ଼ିଆ ଘର ଭାଙ୍ଗି ଯାଇଥିଲା। ଘର ସହିତ ଭିତରେ ଥିବା ଆସବାବପତ୍ର ମଧ୍ୟ ନଷ୍ଟ ହୋଇଯାଇଥିଲା। ବହୁବାର ରାଜସ୍ୱ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଆବେଦନ କରିଥିଲେ ମଧ୍ୟ କୌଣସି ସରକାରୀ ସହାୟତା ତାଙ୍କୁ ମିଳିନାହିଁ। ବର୍ତ୍ତମାନ ଧାରକରଜ କରି କିଣିଥିବା ଏକ ନିମ୍ନମାନର ପଲିଥିନ ତଳେ ସେ ଜୀବନ ବିତାଉଛନ୍ତି। ବର୍ଷା ହେଲେ ତାଙ୍କ ଆଶ୍ରୟସ୍ଥଳୀରେ ପାଣି ଜମିଯାଉଥିବାରୁ ସେ ସାହିପଡ଼ିଶାଙ୍କ ଘରେ ଆଶ୍ରୟ ନେବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରକୃତ ଯୋଗ୍ୟ ହୋଇଥିଲେ ମଧ୍ୟ ସାଇବାଣୀ ସରକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହି ବିପନ୍ନ ବୃଦ୍ଧାଙ୍କୁ ଅତିଶୀଘ୍ର ଆବାସ ଗୃହ ପ୍ରଦାନ କରିବାକୁ କୁମ୍ଭାର ସାହିବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

● ବିଶ୍ୱ ରକ୍ତଦାତା ଦିବସ ପାଳିତ

# ଜୟପୁର ସାଇକଲ କ୍ଲବ୍‌ର ସଚେତନତା ଶୋଭଯାତ୍ରା



ଜୟପୁର, ୧୪।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ଅବସରରେ ଜୟପୁର ସାଇକଲ କ୍ଲବ ପକ୍ଷରୁ ସାରା ସହର ସାଇକଲରେ ପରିକ୍ରମା କରି ଏକ ସଚେତନତା କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ କ୍ଲବର ସଦସ୍ୟମାନେ ଯୋଗଦେଇ "ରକ୍ତଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ' ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସଚେତନ ସହ ନିୟମିତ ଭାବରେ ରକ୍ତଦାନ ପାଇଁ ପ୍ରେରିତ କରିଥିଲେ। କ୍ଲବର ସଦସ୍ୟମାନେ ଗଡ଼ପଦର ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସେମାନଙ୍କୁ ପ୍ରେରିତ କରିଥିଲେ। ଗ୍ରାମରେ ଏକ ରକ୍ତଦାନ ଶିବିର ଆୟୋଜନ କରିବାକୁ ମଧ୍ୟ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ସାଇକଲ ଶୋଭଯାତ୍ରାରେ କ୍ଲବର ବରିଷ୍ଠ ସଦସ୍ୟ ପ୍ରତାପ ପଟ୍ଟନାୟକ, କେ.ମୋହନ ରାଓ, ସଦାଶିବ ପଟ୍ଟନାୟକ, ସଞ୍ଜୟ ନାୟକ, ଅରୁଣ ବିଶୋଇ, ଆଇ. ସାକ୍ଷୀ, କାବ୍ୟାଞ୍ଜଳି, ଆୟୁଷ ପଟ୍ଟନାୟକ, ଶିବା ଏବଂ ସୂର୍ଯ୍ୟ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପୋଲ ରାସ୍ତାରେ ଲୁହା ଛଡ଼, ଦୁର୍ଘଟଣା ଆଶଙ୍କା

■ ପୂର୍ତ୍ତ ବିଭାଗର ଅଣଦେଖା

ଟିକିରି,୧୪।୬(ସମିସ): ରାୟଗଡ଼ ଜିଲ୍ଲା କାଶିପୁର ବ୍ଲକ ଗୋରଖପୁର ପଞ୍ଚାୟତ ବଡ଼ ମାରିଭଟା ନିକଟରେ ୪୪ ରାଜ୍ୟରାଜପଥ ଉପରେ ଥିବା ପୋଲ ଉପରେ ଲୁହା ଛଡ଼ ବାହାରକୁ ବାହାରିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁତ ଭାରି ଯାନ ଯାତାୟାତ କରିବା ସହ ଏହି ରାସ୍ତା କାଶିପୁର ବ୍ଲକ ଅଫିସ, ତହସିଲ ଅଫିସ ଭଳି ବିଭିନ୍ନ ସରକାରୀ ଅଫିସ ରହିଥିବା ବେଳେ ପ୍ରତ୍ୟେକ ଦିନ ସରକାରୀ ଅଫିସକୁ ଲୋକେ ଯାତାୟାତ କରୁଛନ୍ତି। ଏହି ରାସ୍ତା କାଶିପୁର ବ୍ଲକକୁ ଓ କଳାହାଣ୍ଡି ଜିଲ୍ଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା। ହେଲେ ବିଡ଼ମ୍ବନା କଥା ଏହି ଯେ ରହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବିଭିନ୍ନ ସରକାରୀ ଅଧିକାରୀ ମାନେ ଯାତାୟାତ କରିଥାନ୍ତି କିନ୍ତୁ ଆଜି ଯାଏଁ କୌଣସି ସରକାରୀ ବାବୁଙ୍କ ନଜର ଏହି ପୋଲ ଉପରେ ପଡୁନାହିଁ। ଏ ନେଇ ଯଦି ଦିନରେ କୌଣସି ଦୁର୍ଘଟଣା ଘଟେ, ସେଥିପାଇଁ ପାଇଁ ପୂର୍ତ୍ତବିଭାଗ ଅଧିକାରୀ ଦାୟୀ ରହିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

● ଆଦିବାସୀ କନ୍ୟାଙ୍କୁ ଶିକ୍ଷା ଓ ସଶକ୍ତିକରଣ

# 'ଏଡୁ ପାୱାର' ପ୍ରକଳ୍ପ ଆରମ୍ଭ

ଟିକିରି,୧୪।୬(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ସମ୍ମିଳନୀ କକ୍ଷରେ ସିନି ସଂସ୍ଥା ପକ୍ଷରୁ 'ଏଡୁ ପାୱାର: ଶିକ୍ଷା ମାଧ୍ୟମରେ ବଞ୍ଚିତ ଆଦିବାସୀ କନ୍ୟାମାନଙ୍କ ସଶକ୍ତିକରଣ' ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ବ୍ଲକ ବଡ଼ବାବୁ ପ୍ରମୋଦ କୁମାର ମହାନ୍ତି ମୁଖ୍ୟ ଅତିଥି ଏବଂ ଏବିଇଓ ପବିତ୍ର ମୋହନ ନାୟକ ସମ୍ମାନିତଅତିଥିଭାବେଯୋଗଦେଇଆଦିବାସୀଅଞ୍ଚଳରକନ୍ୟାମାନଙ୍କଶିକ୍ଷାରପ୍ରସାରଓସାମାଜିକବିକାଶପାଇଁ ଏପରି ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ କୋଅର୍ଡିନେଟର ମନୋରଞ୍ଜନ ମଲ୍ଲିକ, ବିଏଲସି ସୁପରଭାଇଜର ସୌମ୍ୟ ରଞ୍ଜନ ମେହେର, ରମେଶ ବାଘ ଓ ଅନାଦି ଗରଡାଙ୍କ ସମେତ



ସମସ୍ତ ସିଆରସିସି ଏବଂ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସିନିର ମୁଖ୍ୟ କାର୍ଯ୍ୟାଳୟର ପ୍ରତିନିଧି ଜୟିତା ଗାଙ୍ଗୁଲୀ, ଓଡ଼ିଶା ରାଜ୍ୟ ମୁଖ୍ୟ ସସ୍ୱତୀ ନାୟକ ମହାପାତ୍ର ଏବଂ ଥିମାଟିକ ହେଡ୍ ତଥା ପ୍ରୋଗ୍ରାମ ହେଡ୍ ଡ. ମିତାଲି ମହାନ୍ତି ପ୍ରକଳ୍ପର ଉଦ୍ଦେଶ୍ୟ ଓ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ବଞ୍ଚିତ ଆଦିବାସୀ କନ୍ୟାମାନଙ୍କୁ ଗୁଣାତ୍ମକ ଶିକ୍ଷା, ଜୀବନ କୌଶଳ, ନେତୃତ୍ୱ ବିକାଶ ଓ ଆତ୍ମବିଶ୍ୱାସ ବୃଦ୍ଧିର ସୁଯୋଗ ମିଳିବ। ପ୍ରକଳ୍ପଟି କାଶୀପୁର ଅଞ୍ଚଳରେ କନ୍ୟା ଶିକ୍ଷା ଏବଂ ମହିଳା ସଶକ୍ତିକରଣ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ।

# ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ; ଅସହ୍ୟ ଗରମରେ ହନ୍ତସନ୍ତ ଅମ୍ବାଦଳାବାସୀ

ଅମ୍ବାଦଳା,୧୪।୬(ସମିସ): ଅମ୍ବାଦଳା ଅଞ୍ଚଳରେ ଲଗାତାର ବିଦ୍ୟୁତ ବିଭ୍ରାଟ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରତିଦିନ ପ୍ରାୟ ୪ରୁ ୫ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହୁଥିବାରୁ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଦିନ ହେଉ କି ରାତି, କୌଣସି ନିର୍ଦ୍ଦିଷ୍ଟ ସମୟ ବିନା ବିଦ୍ୟୁତ କାଟ ହେଉଥିବାରୁ ଲୋକମାନଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ବ୍ୟାହତ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ ବିଭାଗ ପକ୍ଷରୁ ବାରମ୍ବାର ଫଲ୍ଟ ଥିବା କୁହାଯାଉଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ବିଭାଗୀୟ କର୍ମଚାରୀମାନେ ଫଲ୍ଟ ଚିହ୍ନଟ କରିବାରେ ବିଫଳ ହେଉଥିବାରୁ ପ୍ରତିଦିନ ଦୀର୍ଘ ସମୟ ଧରି ବିଦ୍ୟୁତ ବନ୍ଦ ରହୁଛି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ବ୍ୟବସାୟୀଙ୍କ କାରବାର ଓ ସାଧାରଣ ଲୋକଙ୍କ ନିତ୍ୟ ଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଛି। ବିଶେଷକରି ଗ୍ରୀଷ୍ମ ପ୍ରବାହ ମଧ୍ୟରେ ବିଦ୍ୟୁତ ବିଭ୍ରାଟ ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ରାତିରେ ବିଦ୍ୟୁତ କାଟ ହେବାରୁ ବୃଦ୍ଧ, ଶିଶୁ ଓ ରୋଗୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ତୁରନ୍ତ ସ୍ଥାୟୀ ସମାଧାନ ଓ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ଦାବି କରିଛନ୍ତି। ବିଦ୍ୟୁତ ବିଭାଗ ଏହି ସମସ୍ୟା ପ୍ରତି ଶୀଘ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ମାଲକାନଗିରି ଗ୍ରାମାଞ୍ଚଳରେ ରଜ ମଉଜ

ମାଲକାନଗିରି, ୧୪।୬ (ସମିସ): ଆଧୁନିକତାର ଚାକଚକ୍ୟ, ମୋବାଇଲ ତଥା ସାମାଜିକ ଗଣମାଧ୍ୟମର ମାୟାଜାଲ ଭିତରେ ସହରୀ ଜୀବନ କ୍ରମଶଃ ପାରମ୍ପରିକ ପର୍ବପର୍ବାଣୀଠାରୁ ଦୂରେଇ ଯାଉଥିବା ବେଳେ ମାଲକାନଗିରି ଜିଲ୍ଲାର ଗ୍ରାମାଞ୍ଚଳରେ ଏବେ ବି ରଜ ପର୍ବର ଉତ୍ସାହ ଅତୁଟ ରହିଛି। ସହରରେ ଯେଉଁଠି ରଜ ପର୍ବ କେବଳ ନାମକୁ ମାତ୍ର ସୀମିତ ହୋଇପଡ଼ିଛି, ସେଠାରେ ଗ୍ରାମାଞ୍ଚଳରେ ରଜ ଦୋଳି, ରଜ ଗୀତ ଓ ପାରମ୍ପରିକ ଖେଳକୁ ନେଇ ଚାଲିଛି ଭରପୂର ମଉଜ। ମାଲକାନଗିରି ଜିଲ୍ଲାରେ ମଧ୍ୟ ବିଭିନ୍ନ ଆଦିବାସୀବହୁଳ ଗ୍ରାମରେ ରଜ ପର୍ବକୁ

## ସହରାଞ୍ଚଳରେ ଫିକା



ବେଶ୍ ଧୂମ୍‌ଧାମରେ ପାଳନ କରାଯାଉଛି। ଆଜି ପହିଲି ରଜ ପାଳିତ ହୋଇଥିବା ବେଳେ ସହର ସହ ବିଭିନ୍ନ ଗ୍ରାମାଞ୍ଚଳରେ ରଜ ବେଶ ଉତ୍ସାହ ସହ ପାଳନ ହେଉଛି। ବିଭିନ୍ନ ଗ୍ରାମ ଉପକଣ୍ଠରେ ସ୍ଥାପିତ ସୁସଜ୍ଜିତ ଦୋଳିରେ କିଶୋରୀ ମାନେ ଝୁଲିବା ସହ ରଜ ଗୀତ ଗାଇ ଏବଂ ନାଚଗୀତରେ ମସଗୁଲ ହୋଇ ରହିଛନ୍ତି। ରଜ ପର୍ବର ତିନି ଦିନକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରିବା ପାଇଁ ସେମାନେ ବିଭିନ୍ନ ଆୟୋଜନ କରିଥିବା ଜଣାପଡ଼ିଛି। କେବଳ ଦୋଳି ଓ ନାଚଗୀତ ନୁହେଁ, ବିଭିନ୍ନ ପାରମ୍ପରିକ ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମୂହିକ ମିଳନ ମାଧ୍ୟମରେ ମଧ୍ୟ ଗ୍ରାମବାସୀ ରଜ ପର୍ବର ମଜା ନେଉଛନ୍ତି। ଗ୍ରାମର ବୟସ୍କଙ୍କଠାରୁ ଆରମ୍ଭ କରି ଶିଶୁ ଓ ଯୁବପିଢ଼ି ପର୍ଯ୍ୟନ୍ତ ସମସ୍ତେ ଏହି ପର୍ବରେ ସାମିଲ ହୋଇ ପାରମ୍ପରିକ ସଂସ୍କୃତିକୁ ଜୀବନ୍ତ ରଖିବାର ପ୍ରୟାସ କରୁଛନ୍ତି। ସହରାଞ୍ଚଳରେ ରଜ ପର୍ବର ଚମକ ଧୀରେ ଧୀରେ ଫିକା ପଡୁଥିବା ବେଳେ ଗ୍ରାମାଞ୍ଚଳରେ ଏହାର ଜୀବନ୍ତ ପରମ୍ପରା ଓ ଉତ୍ସବମୁଖର ପରିବେଶ ପ୍ରମାଣ କରୁଛି ଯେ, ଆଜି ମଧ୍ୟ ଓଡ଼ିଆ ଲୋକସଂସ୍କୃତିର ମୂଳ ଶିକଡ଼ ଗାଁ ମାଟିରେ ସୁଦୃଢ଼ ଭାବେ ରହିଛି।

## ଏମ୍‌ଭି-୭୯ରେ ନାହିଁ ବସ୍‌ଷ୍ଟାଣ୍ଡ

# ଜମି ଅଧିଗ୍ରହଣକୁ ଦୁଇ ଦଶନ୍ଧି; ବସ୍‌ଷ୍ଟାଣ୍ଡ କେବେ ?

ଏମ୍‌ଭି-୭୯(ସମିସ)୧୪।୬: ମାଲକାନଗିରି ଜିଲ୍ଲାର ସୀମାନ୍ତ ତଥା ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏମ୍‌ଭି-୭୯ (ରାମନଗର) ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇନଥିବାରୁ ସ୍ଥାନୀୟ ଲୋକ ଓ ହଜାର ହଜାର ଯାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।ଜାତୀୟ ରାଜପଥ-୩୨୬ ଉପରେ ଅବସ୍ଥିତ ଏମ୍‌ଭି-୭୯ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଯାତାୟାତ କେନ୍ଦ୍ର ଭାବେ ପରିଚିତ। ଏହି ଅଞ୍ଚଳ ମାଲକାନଗିରି ଜିଲ୍ଲାକୁ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼ ସହ ସଂଯୋଗ କରୁଛି। ଏହି ମାର୍ଗ ଦେଇ ପ୍ରତିଦିନ ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟଣା, ହାଇଦ୍ରାବାଦ, ବିଜୟୱାଡା ସମେତ ବିଭିନ୍ନ ସହରକୁ ସରକାରୀ ଓ ବେସରକାରୀ ବସ୍ ଚଳାଚଳ କରୁଛି। ଅନେକ ଦୂରଗାମୀ ବସ୍ ଏଠାରେ ରାତ୍ରିକାଳୀନ ବିଶ୍ରାମ (ନାଇଟ୍ ହଲ୍ଟ) କରୁଥିଲେ ମଧ୍ୟ ଯାତ୍ରୀଙ୍କ ପାଇଁ ଆବଶ୍ୟକ ବସ୍‌ଷ୍ଟାଣ୍ଡ କିମ୍ବା ସୁବ୍ୟବସ୍ଥିତ ପ୍ରତୀକ୍ଷାଳୟର ଅଭାବ ରହିଛି।ବର୍ତ୍ତମାନ ବସ୍‌ଗୁଡ଼ିକ ଜାତୀୟ ରାଜପଥ ଉପରେ ହିଁ



ରହୁଥିବାରୁ ଅନ୍ୟ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ବିଶେଷକରି ବ୍ୟସ୍ତ ସମୟରେ ଟ୍ରାଫିକ୍ ଜଟିଳତା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ୁଛି। ଖରା, ବର୍ଷା ଓ ଶୀତ ଋତୁରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଖୋଲା ଆକାଶ ତଳେ ଠିଆ ହୋଇ ରହିବାକୁ ବାଧ୍ୟ ହେଉଥିବା ବେଳେ ମହିଳା, ବୃଦ୍ଧ ଓ ଶିଶୁମାନେ ସର୍ବାଧିକ ହଇରାଣ ହେଉଛନ୍ତି ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବହୁ ବର୍ଷ ଧରି ଏଠାରେ ଏକ ମିନି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ। ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ଅପେକ୍ଷା ବ୍ୟବସ୍ଥା, ବସ୍ ଚାଳକ ଓ କର୍ମଚାରୀଙ୍କ ପାଇଁ ବିଶ୍ରାମ ସୁବିଧା ସହ ଅଞ୍ଚଳର ବ୍ୟବସାୟିକ ଓ ଆର୍ଥିକ ବିକାଶକୁ ମଧ୍ୟ ଗତି ମିଳିପାରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହାସହ ଏଠାରେ ସରକାରୀ ଅର୍ଥରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହାର ସଠିକ୍ ଉପଯୋଗ ହୋଇପାରୁନାହିଁ। ଯେଉଁ ସ୍ଥାନରେ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଛି, ସେଠାରେ ଅଧିକାଂଶ ବସ୍ ରହୁନଥିବାରୁ ଯାତ୍ରୀମାନେ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଫଳରେ ସରକାରୀ ଅର୍ଥରେ ନିର୍ମିତ ଏହି ପ୍ରତୀକ୍ଷାଳୟ ପ୍ରାୟ ଅକାମୀ ହୋଇପଡ଼ିଛି। ଦକ୍ଷିଣ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଟ୍ରାଞ୍ଜିଟ୍ ପଏଣ୍ଟ ଭାବେ ପରିଚିତ ଏମ୍‌ଭି-୭୯ରେ ଶୀଘ୍ର ଏକ ମିନି ବସ୍‌ଷ୍ଟାଣ୍ଡ, ସୁବ୍ୟବସ୍ଥିତ ଯାତ୍ରୀ ପ୍ରତୀକ୍ଷାଳୟ ଓ ଉନ୍ନତ ଡ୍ରେନେଜ୍ ବ୍ୟବସ୍ଥା ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।

# ଶ୍ରୀମୀନାଝୋଲାରେ ଶୀତଳ ଷଷ୍ଠୀ ପ୍ରସ୍ତୁତି ବୈଠକ

ଚନ୍ଦ୍ରପୁର,୧୪।୬(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମ ପଞ୍ଚାୟତର ଶ୍ରୀମୀନା ଝୋଲା ଶୈବ ପୀଠ ଠାରେ ଶୀତଳ ଷଷ୍ଠୀ ବା ଶିବ ପାର୍ବତୀ ବିବାହ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତରୁଣୀ ଚୌଧରୀଙ୍କ ଆହ୍ୱାନ କ୍ରମେ ରାୟଗଡ଼ା ମିଟ୍ସ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଜନକଲ୍ୟଣ ଆଶ୍ରମର ବାବା ସ୍ୱାମୀ ଜନକା ନନ୍ଦ ଗିରୀ, ଗୀତା ଗୁରୁ କରୁଣା କର ପାତ୍ର, ଉଦୟ ନାଥ ପଣ୍ଡା, ପ୍ରମୋଦ ସାହୁକାର, ସିଏଚ୍ ଗଣେଶ



ରାଓ ହାଡ଼ିପା ଗୌଡ଼, ପ୍ରମଦ ମୁଗୁଲି, ପ୍ରତାପ ବିବାର ଓ ବେଲାମଗୁଡା, ହନୁମନ୍ତପୁର ଗ୍ରାମବାସୀ ଉପସ୍ଥିତ ରହି ଯେପରି ସୁରୁଖୁରୁରେ ସମ୍ପାଦନା ହେବ ସେ ନେଇ ଆଲୋଚନା ହୋଇ ଥିଲା। ଶୀତଳ ଷଷ୍ଠୀ କାର୍ଯ୍ୟକ୍ରମ ପାଇଁ ମଠାଧୀଶ ଭାବେ ସ୍ୱାମୀ ଜୋନକାନନ୍ଦ ଗିରି, କରୁଣା କର ପାତ୍ର, ସଭାପତି ଭାବେ ପ୍ରମୋଦ ସାହୁକାର, ସମ୍ପାଦକ ଭାବେ ପ୍ରମୋଦ ମୁଗୁଲି, କୋଷାଧ୍ୟକ୍ଷ ଭାବେ ସୁଶୀଲ କୁମାର ନିମାଲପୁରୀ, ଉପଦେଷ୍ଟା ଭାବେ ତରୁଣୀ କୁମାର ଚୌଧୁରୀ, ସିଏଚ ଗଣେଶ ରାଓଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସ୍ଥିତ ସମସ୍ତ ଗ୍ରାମବାସୀ ସହଯୋଗ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି।

